## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଟୁଗେଦର ସଙ୍ଗଠନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ନ ୩ଟା

କଟକ

- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ଅର୍ଜୁନସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ନୂଆପାଟଣା, ପୂର୍ବାହ୍ନ ୬.୩୦।
- ସିପିଆଇ(ଏମ୍) ଆଞ୍ଚଳିକ କମିଟି ପକ୍ଷରୁ ପତାକା ଉତ୍ତୋଳନ, ଜିଲା କାର୍ଯ୍ୟାଳୟ, ପିଲିଗ୍ରୀମ ରୋଡ୍, ସକାଳ ୭ଟା।

## ସଂକ୍ଷେପରେ

### ଐତିହ୍ୟ ବିକାଶ ପ୍ରକଳ୍ପ ପରିଦର୍ଶନ କଲେ ଅତିରିକ୍ତ ଶାସନ ସଚିବ

**ସାକ୍ଷୀଗୋପାଳ,୫।୪(ଡି.ଏନ୍.ଏ.):** ପୁରୀ ଜିଲା ସତ୍ୟବାଦୀ ବ୍ଲକର ସୁଆଣ୍ଡୋ ଗ୍ରାମକୁ ଐତିହ୍ୟ ଗ୍ରାମର ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିକାଶ କାର୍ଯ୍ୟର ଅଗ୍ରଗତିକୁ ମଙ୍ଗଳବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ପାଢ଼ୀ ପରିଦର୍ଶନ କରିଥିଲେ। ୧୫ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟରେ ଭୁବନେଶ୍ୱର-ପୁରୀ ୩୧୬ ନଂ. ଜାତୀୟ ରାଜପଥର ପଞ୍ଚନାୟିକିଆ ଛକଠାରୁ କିଛି ଦୂରରେ ନିର୍ମାଣାଧୀନ ସୂଚନାକେନ୍ଦ୍ର, ଗ୍ରାମର ଲୋକେଶ୍ୱର ଦେବଙ୍କ ମନ୍ଦିର ଉନ୍ନୟନ, ସଂଲଗ୍ନ ପୁଷ୍କରିଣୀ, ଗୋପବନ୍ଧୁଙ୍କ ଷଠୀଘର ସହିତ ସଂଗ୍ରହାଳୟ, କଳା ହସ୍ତଶିଳ୍ପ ଦୋକାନ ଓ ଅନ୍ୟ ଉନ୍ନୟନ କାମ ବୁଲି ଦେଖିଥିଲେ। ସୁଆଣ୍ଡୋ ଗ୍ରାମ ରାସ୍ତା ପ୍ରଶସ୍ତୀକରଣ ଏବଂ ସମସ୍ତ ଐତିହ୍ୟ ବିକାଶ କାମଗୁଡିକ ଆଗାମୀ ଗୋପବନ୍ଧୁ ଜୟନ୍ତୀ ଅକ୍ଟୋବର ମାସ ୯ ତାରିଖ ପୂର୍ବରୁ ପୂର୍ଣ୍ଣ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଚିବଙ୍କ ସହିତ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ ଦାସ, ପ୍ରତ୍ନତତ୍ତ୍ୱ ବିଭାଗ ସୁପେରିଣ୍ଟେଣ୍ଡେଣ୍ଟ ଅଶ୍ୱିନୀ ଶତପଥୀ, ଓଇସିସିର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଓଇସିସିର ନିର୍ବାହୀଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ବିଡିଓ କ୍ଷୀରୋଦ ବେହେରା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାଶ, ତହସିଲଦାର ଜୟନ୍ତ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ସବ୍‌ସିଡି ବଢ଼ାଯାଉ, ଭାଟ୍ କମାଯାଉ: କଂଗ୍ରେସ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ଦରଦାମ୍ ବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ କଂଗ୍ରେସ ବର୍ଷିଛି। ଭାଜପା ସରକାରରେ ଦରଦାମ୍ ବୃଦ୍ଧି ସାଧାରଣ ଜନତାଙ୍କୁ ତଳିତଳାନ୍ତ କରିଦେଇଛି ବୋଲି କଂଗ୍ରେସ ଅଭିଯୋଗ କରିବା ସହ 'ମହଙ୍ଗାଇ ମୁକ୍ତ ଭାରତ' ଅଭିଯାନ ଡାକରା ଦେଇଛି। ଗତ ୩୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୭ତାରିଖରେ ଭୁବନେଶ୍ୱରରେ ଶୋଭାଯାତ୍ରା ଓ ବିକ୍ଷୋଭ ମାଧମରେ କାର୍ଯ୍ୟକାରୀ କରାଯିବ ବୋଲି ମଙ୍ଗଳବାର ରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୁଦର୍ଶନ ଦାସ ଏବଂ ଅମିୟ ପାଣ୍ଡବ କହିଛନ୍ତି। ଦାସ କହିଛନ୍ତି, ଦରଦାମକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦାମ୍ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଛି। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ସବ୍‌ସିଡି ବଢ଼ାଇବା ସହିତ ଟ୍ୟାକ୍ସ କମାଇବା ପାଇଁ କଂଗ୍ରେସ ଦୃଢ଼ ଦାବି କରୁଛି। ରାଜ୍ୟ ସରକାର ମଧ ପେଟ୍ରୋଲ ଓ ଡିଜେଲ ଉପରେ ଭାଟ କମାଇବାକୁ କଂଗ୍ରେସ ପ୍ରସ୍ତାବ ଦେଉଛି। ନଚେତ ସାଧାରଣ ଜନତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କ୍ଷମା ଦେବେ ନାହିଁ ବୋଲି ଦାସ କହିଛନ୍ତି।

# ଜାଲ୍ ସାର୍ଟିଫିକେଟ୍ ଦେଇ ଧରାପଡ଼ିଲେ ୮ ଛାତ୍ରୀଛାତ୍ର

**ବଡ଼ଗଡ଼ ଥାନାରେ ଏତଲା ଦେଲେ ବିଜେବି କଲେଜ କର୍ତ୍ତୃପକ୍ଷ**

ଭୁବନେଶ୍ୱର, ୫।୪(ବ୍ୟୁରୋ)

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କଲେଜ ଭୁବନେଶ୍ୱରର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ୮ଜଣ ଛାତ୍ରୀଛାତ୍ର ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଦେଇ ନାମ ଲେଖାଇଥିବା ଜଣାପଡ଼ିଛି। ଗତ ୩ ବର୍ଷ ମଧ୍ୟରେ ଏହି ୮ଜଣ ଛାତ୍ରୀଛାତ୍ର କଲେଜରେ ନାମ ଲେଖି ପାଠ ପଢୁଥିବା ବେଳେ ଏହାର ଟେର୍ ପାଇ ନ ଥିଲେ କଲେଜ କର୍ତ୍ତୃପକ୍ଷ। ଏହି ଛାତ୍ରୀଛାତ୍ରମାନେ ୨୦୧୯-୨୦, ୨୦୨୦-୨୧, ୨୦୨୧-୨୨ ଶିକ୍ଷାବର୍ଷରେ ନାମ ଲେଖାଇଥିଲେ। କଲେଜ ପକ୍ଷରୁ ଯାଞ୍ଚ ବେଳେ ଏହି ୮ ଛାତ୍ରୀଛାତ୍ର ଜାଲ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଦେଇଥିବା ଜଣାପଡ଼ିବା ପରେ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ର ଏନେଇ ମଙ୍ଗଳବାର ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ପୋଲିସ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ଏହି ସାର୍ଟିଫିକେଟ୍ କେମିତି ହାତେଇଲେ, କିଏ ଏହି ସାର୍ଟିଫିକେଟ୍ ଯୋଗାଇଛି ଓ କଲେଜର ଆଉ କେତେଜଣ ଛାତ୍ରୀଛାତ୍ର ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ନେଇ ତଦନ୍ତ ହେବ ବୋଲି ଅଧ୍ୟକ୍ଷ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, କିଛି ମାସ ତଳେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ଜାଲ୍ ସାର୍ଟିଫିକେଟ୍ ଘଟଣାରେ ୨୮ଜଣ ଛାତ୍ରୀଛାତ୍ର ଧରାପଡ଼ିଥିଲେ। ଏହାପରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ସେଲ୍‌ଫ ଫାଇନାନ୍ସିଂ କଲେଜକୁ ଚିଠି ଲେଖି ସମସ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଦେଇଥିବା ସାର୍ଟିଫିକେଟ୍ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାଞ୍ଚ ପରେ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ୍ ଜାଲ ହୋଇଥିବା ଜଣାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ରହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ। ଏଠାରେ ପଢ଼ିବା ପାଇଁ ବହୁ ମେଧାବୀ ଛାତ୍ରୀଛାତ୍ର ସଂଘର୍ଷ କରୁଥିବାବେଳେ ଜାଲ୍ ସାର୍ଟିଫିକେଟ୍ ଦେଇ ନାମଲେଖା ଘଟଣା ଅଭିଭାବକଙ୍କୁ ଚକିତ କରିଛି। ଏ ନେଇ କଡ଼ାକଡ଼ି ଯାଞ୍ଚ ସହ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମେଧାବୀ ଛାତ୍ରୀଛାତ୍ର ଓ ଅଭିଭାବକ ଦାବି କରିଛନ୍ତି। ସେପଟେ ବିଜେବି କଲେଜରେ ଚିହ୍ନଟ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ସରକାରୀ କର୍ମଚାରୀ ଓ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବା ଜଣାପଡ଼ିଛି।



ବାଡ଼ି ନୃସିଂହଙ୍କୁ ସେବାୟତମାନେ ମଙ୍ଗଳବାର ଶ୍ରୀମନ୍ଦିରରୁ ବାହାରି ଚାରି ଆଶ୍ରମ ବିଜେ କରୁଛନ୍ତି।

**ପୋଲିସକୁ ମାମୁ ଡାକିବାରୁ ମାଡ଼ ଘଟଣା**

## ଛାତ୍ରଙ୍କ ପରିବାରକୁ ଭେଟିଲେ ସିଡବ୍ଲ୍ୟୁସି ଅଧକ୍ଷା

ନିଶ୍ଚିନ୍ତକୋଇଲି,୫।୪(ସ୍ୱ.ପ୍ର.)

ମାମୁ ଡାକିବାରୁ ପଞ୍ଚମ ଶ୍ରେଣୀ ଛାତ୍ର ଚନ୍ଦନ ବେହେରାଙ୍କୁ ନିଶ୍ଚିନ୍ତକୋଇଲି ଥାନା ଏଏସ୍ଆଇଙ୍କ ମାଡ଼ ଘଟଣାରେ ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା କମିଟି(ସିଡବ୍ଲ୍ୟୁସି) ପକ୍ଷରୁ ତଦନ୍ତ କରାଯାଇଛି। ଏହି କମିଟିର ଅଧକ୍ଷା ଏକ ତିନି ଜଣିଆ ଟିମ୍ ସହ ସମ୍ପୃକ୍ତ ଛାତ୍ରଙ୍କ ଘରେ ପହଞ୍ଚି ଆଲୋଚନା କରିଛନ୍ତି। ପୋଲିସ ତାଙ୍କୁ ଅମାନୁଷିକ ଭାବେ ମାଡ଼ ମାରିଥିବା ନେଇ ଚନ୍ଦନ କହିଛନ୍ତି। କଟକ ଜିଲା ଶିଶୁ ସୁରକ୍ଷା ଆଇନ କମିଟି ଅଧକ୍ଷା ମନ୍ଦାକିନୀ ଜେମାଙ୍କ ନେତୃତ୍ୱରେ ଏହି କମିଟିରେ ଅମିୟ ଭୂଷଣ ବିଶ୍ୱାଳ, ଜିଲା ସଂଯୋଜକ ନାରାୟଣ ଶୁକ୍ଳା ପ୍ରମୁଖ ସାମିଲ ହୋଇଥିଲେ। ଜେମା କୁହନ୍ତି, ରିପୋର୍ଟ ଜିଲା ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ପ୍ରଦାନ କରାଯିବ। ଶନିବାର ପୂର୍ବାହ୍ନରେ ଏଏସ୍ଆଇ ସାହୁ ପାଟ୍ରୋଲିଂ କରୁଥିବାବେଳେ ପଣସ ପଡ଼ିଆ ନିକଟରେ ଗୋପପୁର ଗ୍ରାମର ଚନ୍ଦନ ବେହେରା ବିଦ୍ୟାଳୟରୁ ଫେରୁଥିଲେ। ପୋଲିସ ଗାଡ଼ିକୁ ଦେଖି ମାମୁ ଗାଡ଼ି ଗଲା ବୋଲି ସେ କହିବାରୁ ଏଏସ୍ଆଇ ସାହୁ ତାଙ୍କୁ ମାଡ଼ ମାରିବା ସହ ଗୋଡ଼ ତଳେ ପକାଇ ଭୁଲ୍ ମାଗିବାକୁ ବାଧ କରିଥିଲେ। ଏନେଇ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପଣସପଡିଆ ନିକଟରେ ସ୍ଥାନୀୟ ଲୋକେ କଟକ-ଚାନ୍ଦବାଲି ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଏହି ଘଟଣାରେ ଏସ୍ଏସ୍ଆଇ ସାହୁଙ୍କୁ ସୋମବାର ପୋଲିସ ଜିଲା ମୁଖ୍ୟାଳୟକୁ ବଦଳି କରିଦିଆଯାଇଥିଲା।

# ବଢୁଛି ସାଇବର ଠକଙ୍କ ଦୌରାତ୍ମ୍ୟ

**ମାସକରେ ଲୁଟିଲେ ୯୧ ,୫୬ ,୦୫୩ ଟଙ୍କା**

ଭୁବନେଶ୍ୱର,୫।୪ (ବ୍ୟୁରୋ)

ବାରମ୍ବାର ସଚେତନତା ସତ୍ତ୍ୱେ ସାଇବର ଠକଙ୍କ ଜାଲରେ ପଡୁଛନ୍ତି ଲୋକେ। ଫଳରେ ଲକ୍ଷ ଲକ୍ଷ ଟଙ୍କା ଆଖି ପିଛୁଳାକେ ହରାଇ ବସୁଛନ୍ତି। ଗତ ଜାନୁୟାରୀରେ ରାଜଧାନୀରୁ ସାଇବର ଠକ ୧ କୋଟି ୩୧ ଲକ୍ଷ ୨୫ ହଜାର ୩୦ ଟଙ୍କା ଠକି ନେଇଥିବାବେଳେ ଫେବୃୟାରୀରେ ୧ କୋଟି ୩୯ ଲକ୍ଷ ୬୦ ହଜାର ୪୭୯ ଟଙ୍କା ଠକେଇ ହୋଇଥିଲା। ଫେବୃୟାରୀରେ ଏହି ପରିମାଣ ବୃଦ୍ଧି ପାଇଥିବାବେଳେ ମାର୍ଚ୍ଚରେ କମିଛି। ଭୁବନେଶ୍ୱର ସାଇବର କ୍ରାଇମ ହେଲ୍ପ ଡେସ୍କ ପକ୍ଷରୁ ମଙ୍ଗଳବାର ମିଳିଥିବା ରିପୋର୍ଟ ଅନୁଯାୟୀ, ମାର୍ଚ୍ଚରେ ସାଇବର ଠକ ୯୧ ଲକ୍ଷ ୫୬ ହଜାର ୫୩ ଟଙ୍କା ଲୁଟି ନେଇଛନ୍ତି। ହେଲ୍ପ ଡେସ୍କ ଓ ଅର୍ଥନୈତିକ ଅପରାଧ ଥାନାର ମିଳିତ ଉଦ୍ୟମରେ ମାର୍ଚ୍ଚରେ ଠକେଇ ଟଙ୍କାରୁ ମାତ୍ର ୧୦ ଲକ୍ଷ ୫୭ ହଜାର ୬୬୧ ଟଙ୍କା ଫେରିଛି। ସେହିପରି ମାର୍ଚ୍ଚରେ ହେଲ୍ପ ଡେସ୍କକୁ ସାରା ଓଡ଼ିଶାରୁ ୪୧୨ଟି କଲ ଆସିଛି। ସେଥିମଧ୍ୟରୁ ଭୁବନେଶ୍ୱରରୁ ୨୬୭ କଲ ଆସିଥିବା ବେଳେ ଅନ୍ୟ ଜିଲାରୁ ୩୬ଟି ଅଭିଯୋଗ ଆସିଛି। କେବଳ ଭୁବନେଶ୍ୱରରୁ ୟୁପିଆଇ ଠକେଇ ସମ୍ପର୍କିତ ୧୧୦, କ୍ରେଡିଟ ଓ ଡେବିଟ କାର୍ଡ ଦ୍ୱାରା ୮୦ ଏବଂ ଅନ୍ୟ ୭୭ଟି ଅନ୍‌ଲାଇନ ଠକେଇ ଅଭିଯୋଗ ମିଳିଛି। ଭୁବନେଶ୍ୱର ସହରାଞ୍ଚଳ ଜିଲାରେ ଗତ ମାର୍ଚ୍ଚରେ ୭ଟି ମକଦ୍ଦମା ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ପଞ୍ଜୀକୃତ ହୋଇଥିବା ବେଳେ ହେଲ୍ପ ଡେସ୍କ ଏବଂ ଥାନାର ନିଜସ୍ୱ ଉଦ୍ୟମ କ୍ରମେ ୧୫ଟି ସାଇବର ସେଫ୍ ଟିକେଟ ଜେନେରେଟ କରାଯାଇଥିଲା। ଅଭିଯୋଗକାରୀମାନଙ୍କୁ ୧୦ ଲକ୍ଷ ୫୭ ହଜାର ୬୬୧ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୪୦ ହଜାର ଟଙ୍କା ବ୍ଲକ କରାଯାଇପାରିଛି। ମାର୍ଚ୍ଚରେ ଅନ୍‌ଲାଇନ ଠକାମିର ଶିକାର ହୋଇଥିବା ୨୫ଜଣ ଅଭିଯୋଗକାରୀଙ୍କର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଅର୍ଥରାଶି ଫେରସ୍ତ କରାଯାଇପାରିଛି। ଏହି କ୍ରମରେ ମାର୍ଚ୍ଚରେ ପର୍ଯ୍ୟାୟକ୍ରମେ ଅଭିଯୋଗକାରୀମାନଙ୍କର ୧,୩୯,୯୦୦ ଟଙ୍କା, ୧,୩୪, ୯୯୯ ଟଙ୍କା ଏବଂ ୧,୫୧୧୭ ଟଙ୍କା ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ହେଲ୍ପ ଡେସ୍କର ମିଳିତ ଉଦ୍ୟମରେ ଫେରସ୍ତ କରାଯାଇପାରିଛି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଚିଉ



@ ରବି



@ ସୋନୀ



@ ଲିପୁ



@ ଜିତୁ



@ ରିଣ୍ଟୁ

# ତଦନ୍ତ ପାଇଁ ଇଓଡବ୍ଲ୍ୟୁକୁ ଜିଲାପାଳଙ୍କ ସୁପାରିସ

**ଜମାକାରୀଙ୍କ ୧.୫୦କୋଟି ଟଙ୍କା ଆତ୍ମସାତ୍ ଘଟଣା**

- ୩ଜଣଙ୍କ ନାମରେ ମାମଲା ରୁଜୁ ନିର୍ଦ୍ଦେଶ
- ଆଦାୟ କରାଯିବ ଆତ୍ମସାତ୍ ଟଙ୍କା

ଖୋର୍ଦ୍ଧା ଅଫିସ,୫।୪

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ରାଉତପଡ଼ା ଶାଖାରେ ଆଖପାଖ ଅଞ୍ଚଳର ଶତାଧିକ ଜମାକାରୀଙ୍କ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ତଦନ୍ତ ଲାଗି ଜମାକାରୀ ଦାବି କରିଥିଲେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଘଟଣାକୁ ଗୁରୁତ୍ୱ ଦେବା ସହ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ହସ୍ତଗତ ପରେ ଜିଲାପାଳ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରାଉତପଡ଼ା ଶାଖାରେ ୧କୋଟି ୫୦ଲକ୍ଷ ୫୧୩୬ ଟଙ୍କା ଆତ୍ମସାତ କରାଯାଇଥିବା ଜଣାପଡିଛି। ଏହି ଘଟଣାର ତଦନ୍ତ ଲାଗି ଇଓଡବ୍ଲ୍ୟୁକୁ ସୁପାରିସ କରାଯାଇଛି। ପ୍ରାଥମିକ ରିପୋର୍ଟ ଅନୁସାରେ ଏଥିରେ ୩ଜଣଙ୍କ ସମ୍ପୃକ୍ତି ରହିଛି। ସେଥିରୁ ଜଣେ ମାର୍ଚ୍ଚ ୨୦ରୁ ଅବସର ଗ୍ରହଣ କରିସାରିଛନ୍ତି। ସମ୍ପୃକ୍ତ ୩ଜଣଙ୍କ ବିରୋଧରେ ଥାନାରେ ଏତଲା ଦେବା ଲାଗି କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜମାକାରୀଙ୍କ ଟଙ୍କା ଆତ୍ମସାତ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ଆଦାୟ କରାଯିବ। ଯେଉଁ କର୍ମଚାରୀମାନେ ଏଥିରେ ସମ୍ପୃକ୍ତ ରହିଥିବା ପ୍ରମାଣିତ ହେବ ସେମାନଙ୍କ ଦରମାରୁ ଏହା ଆଦାୟ କରାଯିବ। ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପରବର୍ତ୍ତୀ ସମୟରେ ବିଚାର କରାଯିବ ବୋଲି ଜିଲାପାଳ ମହାପାତ୍ର ସୂଚନା ଦେଇଛନ୍ତି।

ଜମାକାରୀଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ, ସମ୍ପୃକ୍ତ ଶାଖାର ପୂର୍ବତନ ହିସାବ ରକ୍ଷକ ବୁଦ୍ଧିରାମ ଦାସ ଗତ ଦୁଇ ବର୍ଷ ତଳେ ଏହି ବ୍ୟାଙ୍କରୁ ଅବସର ଗ୍ରହଣ ପରେ ମଧ କାର୍ଯ୍ୟ କରୁଥିଲେ। ଫଳରେ ସେ ଲୋକଙ୍କ ବିଶ୍ୱାସଭାଜନ ହୋଇଥିଲେ। ଜମାକାରୀଙ୍କ ଅନଭିଜ୍ଞତା କାରଣରୁ ବ୍ୟାଙ୍କ ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ସେ ସହଯୋଗ କରୁଥିଲେ। ଜମାକାରୀଙ୍କ ସରଳତାର ସୁଯୋଗ ନେଇ ବୁଦ୍ଧିରାମ ଜମାକାରୀଙ୍କ ସ୍ଥାୟୀ ଓ ସଞ୍ଚୟ ଜମା ପ୍ରମାଣପତ୍ର ଆଦି ନବୀକରଣ ଆଳରେ ବ୍ୟାଙ୍କର ଜାଲ ପ୍ରମାଣପତ୍ର ଓ ସ୍ୱାକ୍ଷର କରି କୋଟି କୋଟି ଟଙ୍କା ଆତ୍ମସାତ କରିଛନ୍ତି।

# କ୍ୟାଥୋଡ୍ ଲି ଆଇଅନ୍ ବ୍ୟାଟେରିର ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର,୫।୪(ବ୍ୟୁରୋ)

ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି କ୍ୟାମ୍ପସରେ କ୍ୟାଥୋଡ ଲି ଆଇଅନ୍ ବ୍ୟାଟେରି ବିକାଶ ସଂକ୍ରାନ୍ତ କର୍ମଶାଳା ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏଥିରେ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଧାସତ୍ୱ ବାସୁ ଯୋଗଦେଇ ଆଇଆଇଟି ଦିଲ୍ଲୀର ଇଏସ୍‌ପିଓବି ଅଧୀନରେ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ଉନ୍ନତମାନର ବ୍ୟାଟେରି ନିର୍ମାଣ ପ୍ରୟାସ ସମ୍ପର୍କରେ ଆଲୋଚନା କରିଥିଲେ। ଇସ୍ରାଏଲ୍‌ର ବାର୍-ଇଲାନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ମାଲାଚି ନୋକେଡ୍, ଥ୍ରୀଡି ବ୍ୟାଟେରି ପ୍ରତିଷ୍ଠାତା ତଥା ସିଇଓ ଏରେଜ୍ ସ୍କ୍ରେଇବର୍ ଏବଂ ହାଇଦ୍ରାବାଦ୍‌ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଫେସର୍ ସୁରେନ୍ଦ୍ର କୁମାର ମାର୍ଥା ଭାରତରେ ଥ୍ରୀଡି ବ୍ୟାଟେରି ମାଧ୍ୟମରେ ଷ୍ଟାର୍ଟ ଅପ୍‌ମାନେ କିପରି ବ୍ୟବସାୟିକ ସୁଯୋଗ ବଢାଇବେ ସେ ନେଇ ଆଲୋଚନା କରିଥିଲେ। ଲୁକାସ୍ ଟିଭିଏସ୍, ଅଷ୍ଟ୍ରେଲିଆର ମର୍ଡୋଚ୍ ବିଶ୍ୱବିଦ୍ୟାଳୟ, ୟୁଏସ୍ଏର ପ୍ୟୁର୍‌ଡ୍ୟୁ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ଆଇଆଇଟି ଏବଂ ବିଶ୍ୱବିଦ୍ୟାଳୟରୁ ୬୫ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ଡ. ଏ.କେ. ସାହୁ, ଡ. ମମତା ମହାପାତ୍ର ଏବଂ ଅୟାନ୍ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।




ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ରାମମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



କଟକ ତୁଳସୀପୁର ଓଡ଼ିଶା ପୋଲିସ ହାଇସ୍କୁଲରେ ଜିଲା ସ୍କାଉଟ୍ ଆଣ୍ଡ୍ ଗାଇଡ୍ସର ଜାତୀୟ ସଂହତି ଶିବିର ଓ ଜିଲାସ୍ତରୀୟ କ୍ୟାମ୍ପୋରିର ମଙ୍ଗଳବାର ୨ ଦିନରେ ପ୍ରଦର୍ଶିତ ସାହସିକ କାର୍ଯ୍ୟକ୍ରମ।




ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି କ୍ୟାମ୍ପସରେ ମଙ୍ଗଳବାର ଆୟୋଜିତ କ୍ୟାଥୋଡ ଲି ଆଇଅନ୍ ବ୍ୟାଟେରିର ବିକାଶ ସଂକ୍ରାନ୍ତ କର୍ମଶାଳାରେ ଅତିଥି ଏବଂ ଅନ୍ୟମାନେ।

